## ସଂକ୍ଷେପରେ

### ଯୁବ କଂଗ୍ରେସ ସଭାପତି ହେଲେ ସନ୍ତୋଷ

ଭଞ୍ଜନଗର, ୨୭।୭(ବାବୁଲା ପ୍ରଧାନ)- ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ସନ୍ତୋଷ କୁମାର ପ୍ରଧାନ(ମଣ୍ଟୁ) ମଙ୍ଗଳବାର ନିର୍ବାଚିତ ହୋଇଛନ୍ତି । ଅନଲାଇନ ଦ୍ୱାରା ହୋଇଥିବା ମତଦାନରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ନେତା ସନ୍ତୋଷ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜଗନ୍ନାଥପ୍ରସାଦର ଯୁବ ନେତା ରଜନୀକାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ସନ୍ତୋଷ ୪୯୬ ଖଣ୍ଡ ଭୋଟ ପାଇଥିବା ବେଳେ ରଜନୀ ୨୯୪ ଖଣ୍ଡ ଭୋଟ ପାଇଥିଲେ।

### ନିମ୍ନମାନର ଡ୍ରେନ ଢାଙ୍କୁଣି, ଦୁର୍ଘଟଣା ଆଶଙ୍କା

ଖଜୁରୀପଡ଼ା,୨୭।୭(ବିଦୁର ବେହେରା)- ବର୍ଷା ଜଳ ନିଷ୍କାସନ ପାଇଁ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କରାଯାଉଛି। ଏହି ଡ୍ରେନ ଉପରେ ନିମ୍ନମାନର ଢାଙ୍କୁଣି ଘୋଡ଼ାଇ ଦିଆଯାଉଥିବାରୁ ଦୁର୍ଘଟଣା ଆଶଙ୍କା ଦେଖା ଦେଇଛି। ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରୁ କୁମ୍ଭା ପଞ୍ଚାୟତ ସମ୍ମୁଖ ଦେଇ ଯାଇଥିବା ୧୫୭ ନଂ ଜାତୀୟ ରାଜପଥ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କରି ତାହା ଉପରେ ଢାଙ୍କୁଣି ଘୋଡ଼ାଇ ଦିଆଯାଇଥିଲା। ସେହି ଉପରେ ଗୁରୁବାର ଏକ ୪୦୭ ଗାଡ଼ି ଚକା ଚଢିଯିବା ଯୋଗୁ ତାହା ଭାଙ୍ଗି ଯାଇଛି। ରାସ୍ତା ଉପରେ ଘୋଡ଼ାଇ ଦିଆଯାଇଥିବା ଢାଙ୍କୁଣି ନିମ୍ନମାନର କରାଯାଇଥିବା ଯୋଗୁ ଏହିଭଳି ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### କଇଁଝର ପଞ୍ଚାୟତରେ ଟାୱାର ଅଛି ନେଟୱାର୍କ ନାହିଁ

ବାଲିଗୁଡା,୨୭।୭(ସଞ୍ଜୟ କୁମାର ପାଣିଗ୍ରାହୀ)-ବାଲିଗୁଡା ଉପଖଣ୍ଡ ଟିକାବାଲି ବ୍ଲକ ଅନ୍ତର୍ଗତ କଇଁଝର ଗ୍ରାମପଞ୍ଚାୟତରେ କିଛିବର୍ଷ ହେଲା ବିଏସ୍‌ଏନ୍‌ଏଲ୍ ଟାୱାର୍ ସ୍ଥାପନ କରାଯାଇଛି। କିନ୍ତୁ ଅଧିକାଂଶ ସମୟରେ ନେଟ କାମ କରୁ ନ ଥିବାରୁ କଇଁଝର ପଞ୍ଚାୟତ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଞ୍ଚାୟତରେ ୨୫ଟି ୱାର୍ଡ ରହିଥିବା ବେଳେ ରାଜସ୍ୱ ଗ୍ରାମ ୨୯ଟି ରହିଛି। ଜନସଂଖ୍ୟା ୫,୫୦୦। ଗ୍ରାମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ହାଇସ୍କୁଲ ରହିଛି ହେଲେ ଏଠାରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢାରେ ନେଟୱାର୍କ ବାଧା ସାଜିଛି। ଜରୁରୀ ପରିସ୍ଥିତିରେ ଫୋନ ଲାଗୁନି। ଏ ସମ୍ପର୍କରେ କଇଁଝର ସରପଞ୍ଚ ରୁନିତା କହଁର ବହୁବାର ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିଲେ ହେଁ କେହି ଶୁଣୁ ନଥିବା ସେ କହିଛନ୍ତି। କଇଁଝର ପଞ୍ଚାୟତରେ ବିଏସଏନଏଲ ଟାୱାରକୁ ସଜାଡ଼ିବା ସହ ଜିଓ ଟାୱାର ସ୍ଥାପନ ନହେଲେ ଆଗାମୀ ୨୪ ନିର୍ବାଚନକୁ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### କର୍କଟ ଆକ୍ରାନ୍ତ କାଜଲଙ୍କୁ ବିଧାୟିକାଙ୍କ ସହାୟତା

କୋଦଳା,୨୭।୭(ଅମିତ କୁମାର ପଟ୍ଟନାୟକ)-ବେଗୁନିଆପଡା ବ୍ଲକ ଅନ୍ତର୍ଗତ କୁମ୍ଭାର ଗାଁ ପଞ୍ଚାୟତ କୁମାରୀ ପାରି ଗ୍ରାମର କର୍କଟ ରୋଗରେ ଆକ୍ରାନ୍ତ ଥିବା ଭିକା ପୋଲେଇଙ୍କ ସାନ ଝିଅ କାଜଲଙ୍କୁ ସହାୟତାର ହାତ ବଢ଼ାଇଛନ୍ତି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ। ଗୁରୁବାର କାଜଲଙ୍କ ବାସ ଭବନରେ ବିଧାୟିକା ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହିତ ବେଗୁନିଆପଡା ବିଡ଼ିଓ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲା ରେଡକ୍ରସ ତରଫରୁ ୩୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

# ବିବାଦୀୟ ପିଇଟିଙ୍କ ବଦଳି ବାତିଲ ପାଇଁ ଆନ୍ଦୋଳନ

ପାରଳାଖେମୁଣ୍ଡି, ୨୭।୭ (ଗିରିଧାରୀ ପରିଚ୍ଛା):



ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

ଗଜପତି ଜିଲା ଗୋଷାଣି ବ୍ଲକ ଲିଙ୍ଗିପୁର ଗ୍ରାମରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ପିଇଟି ଶିକ୍ଷକ ନାଗାର୍ଜୁନ ସାହୁଙ୍କୁ ବଦଳି ନ କରିବା ପାଇଁ ଛାତ୍ରୀଛାତ୍ରମାନେ ଗୁରୁବାର ଆନ୍ଦୋଳନ କରିଛନ୍ତି। ପ୍ରାୟ ଏକ ଘଣ୍ଟା ଧରି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରକାଶ ରଞ୍ଜନ କାର୍ଯୀ ଏବଂ ଅନ୍ୟାନ୍ୟ ଶିକ୍ଷକମାନେ ମିଳିତ ଭାବେ ଛାତ୍ରୀଛାତ୍ରଙ୍କୁ ବହୁ ବୁଝାଶୁଝା କରିବା ପରେ ଆନ୍ଦୋଳନରୁ ଉଠିଥିଲେ। ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଏବଂ ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ ପହଞ୍ଚି ଆଲୋଚନା କରିଥିଲେ। ବଦଳି ଆଦେଶ ସ୍ଥଗିତ କରିବା ପାଇଁ ଛାତ୍ରଗଣ ପକ୍ଷରୁ ତହସିଲଦାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ପିଇଟି ସାହୁ ଗତ କିଛି ଦିନ ପୂର୍ବେ କିଛି +୨ ଛାତ୍ରଙ୍କୁ କୌଣସି କାରଣରୁ ମାଡ଼ମାରିଥିବା ଅଭିଯୋଗ କରି ଅଭିଭାବକମାନେ ଫାଟକରେ ତାଲା ପକାଇଦେଇଥିଲେ। ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଦ ଧରିଥିଲେ। ସ୍ଥାନୀୟ ପ୍ରଶାସନ, ବିଦ୍ୟାଳୟ କର୍ତ୍ତୃପକ୍ଷ, ପୋଲିସ ଏବଂ ଜନପ୍ରତିନିଧିମାନଙ୍କ ଉପସ୍ଥିତିରେ ନିଜ ତ୍ରୁଟି ପାଇଁ ଲିଖିତ ଭାବେ ଏପରି ଘଟଣା ଆଉ ପୁନରାବୃତ୍ତି ନଘଟିବ ଏବଂ ଏଥିପାଇଁ ଅନୁତପ୍ତ ବୋଲି ପିଇଟି ଶିକ୍ଷକ ସ୍ୱୀକାରୋକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ଘଟଣାକୁ ନେଇ ସେତେବେଳେ ସେ ବିବାଦୀୟ ହୋଇପଡ଼ିଥିଲେ। ଜିଲା ପ୍ରଶାସନ ତଦନ୍ତ କରିବା ପରେ ପିଇଟି ଶିକ୍ଷକଙ୍କୁ ତୁରନ୍ତ କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡାଠାରେ ଥିବା ଓଏଭି ବିଦ୍ୟାଳୟକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା, ଯାହାକି ଗୁରୁବାର ସମ୍ପୃକ୍ତ ଶିକ୍ଷକଙ୍କୁ ରିଲିଭ ଅର୍ଡର ପ୍ରଦାନ କରାଯାଇଥିବା ବିଦ୍ୟାଳୟର ଅଧକ୍ଷ ଶ୍ରୀ କାର୍ଯୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଶିକ୍ଷକଙ୍କ ବଦଳିକୁ ପ୍ରତିବାଦ କରି ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା।

# ଗୋଛାପଡ଼ାରେ ମାଓବାଦୀ ବ୍ୟାନର

ଗୋଛାପଡା,୨୭।୭(ରୋହିତ କହଁର)



କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳରେ ଗୁରୁବାର ମାଓବାଦୀମାନେ ବ୍ୟାନର ଲଗାଇଛନ୍ତି । ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ କୁହାଯାଉଥିବା ଗୋଛାପଡା ପଞ୍ଚାୟତର ଡେରାକୁମ୍ଭା ଗାଁ ପାଖ ଡ୍ରାଗନ ବଗିଚା ନିକଟରେ ଏହି ବ୍ୟାନର ଦେଖିବାକୁ ମିଳିଛି। ସେହିଭଳି କୁଏରମାଣ୍ଡି, ପାହିରାଜୁ, ଓ ବାଲନ୍ଦାପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ମାଓବାଦୀ ବ୍ୟାନର ଲାଗିଥିବା ଖବର ମିଳିଛି। ବ୍ୟାନରରେ ଜୁଲାଇ ୨୭ ତାରିଖଠାରୁ ଅଗଷ୍ଟ ୩ ଯାଏ ଶହୀଦ ସପ୍ତାହ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ସିପିଆଇ ମାଓବାଦୀ ସଙ୍ଗଠନ ତରଫରୁ ଏହି ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି। ବ୍ୟାନର ଲାଗିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ପୂର୍ବତନ ସମିତିସଭ୍ୟାଙ୍କ ନାମରେ ଜବ୍‌କାର୍ଡ

## ବ୍ୟାଙ୍କ ଖାତାକୁ ଆସୁଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ

ହାତୀଓଟ,୨୭।୭(ରଞ୍ଜୟ ପାଣିଗ୍ରାହୀ)

ଗଞ୍ଜାମ ଜିଲାର କୋଣ ଅନୁକୋଣରୁ ମନରେଗାରୁ ଅର୍ଥ ପାଇବା ପାଇଁ ବହୁ ଥିଲାବାଲା ଲୋକ ଦଳୀୟ ଆଧାରରେ ବିଭିନ୍ନ ପଞ୍ଚାୟତରୁ ଜବକାର୍ଡ ନିଜ ନାମରେ କରି କାର୍ଯ୍ୟକୁ ନଯାଇ ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ପୋଲସରା ବ୍ଲକ ଅଧିନସ୍ତ ରୁମାଗଡ଼ରେ। ଏହି ଗ୍ରାମର ଆରତୀ ବିଶୋଇ ସ୍ୱାମୀ ଗୌର ଗତ ୨୦୧୭ରେ ସମିତିସଭ୍ୟା ହୋଇଥିଲେ। ନିଜ ନାଁରେ ଜବ କାର୍ଡ ହାତେଇଥିବା ଜଣାପଡ଼ିଛି, ଯାହାର ନମ୍ବର ଓଆର-୧୨-୦୧୭-୦୨୫-୦୦୩/୩୩୦୩୮। ତାଙ୍କର ବାଲିପଦର ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଖାତାକୁ ଉକ୍ତ ଗ୍ରାମର ତୋଫାନ ପାତ୍ର, ପିତା ଲକ୍ଷ୍ମଣ ପାତ୍ର ନିଜ ଗ୍ରାମରେ ଖୋଲିଥିବା ଏକ ବନ୍ଧ ଯାହାକି ସୋଏଲ କନଭେରସନ ଦ୍ୱାରା ପ୍ରଦାନ ଅଟେ। ଏହି ବନ୍ଧ ଶ୍ରମିକ ଦ୍ୱାରା ନକରାଯାଇ ମେସିନୀ ଦ୍ୱାରା କରାଯାଇଥିବା ସ୍ଥଳେ ଆରତୀ ବିଶୋଇ ନାମରେ ୨୪-୨-୨୦୨୩ ତାରିଖରେ ଛଅ ଦିନର କାର୍ଯ୍ୟ ଦର୍ଶାଇ ୨୨୦ଟଙ୍କା ହିସାବରେ ୧୩୨୦, ୨୯-୩-୨୦୨୩, ୨୨୦ହିସାବରେ ଛଅ ଦିନର ୧୩୨୦, ୨୨୨ଲେଖାଏଁ ରେ ସାତ ଦିନର କାର୍ଯ୍ୟ ଦର୍ଶାଇ ୧୫୫୪ନିଜ ଆକାଉଣ୍ଟକୁ ନେଇଥିବା ବେଳେ ଏବେ ଅର୍ଥାତ ୩-୪-୨୦୨୩ରେ ୨୨୨ଟଙ୍କା ଲେଖାଏଁ ସାତ ଦିନର ମଜୁରୀ ବାବଦରେ ୧୫୫୪ଟଙ୍କା, ୩-୪-୨୦୨୩ରେ ୨୨୨ଟଙ୍କା ଲେଖାଏଁ ଛଅ ଦିନର ମଜୁରୀ ବାବଦରେ ୧୩୩୨ଟଙ୍କା ବ୍ୟାଙ୍କକୁ ପ୍ରଦାନ କରାଯାଇଛି। ଖାଲି ସେତିକି ନୁହେଁ କାମ ଉପରକୁ ନଯାଇ ମଧ୍ୟ ବିରୂପା ଠାରୁ କାଲୁଆ ନଡାଁ ରୋଡରେ ହେଉଥିବା କଲଭର୍ଟରେ ମଧ୍ୟ ପୂର୍ବତନ ସମିତି ସଭ୍ୟା ୫-୭-୨୦୨୩ରେ ଗୋଟାଏ ଦିନ ଦର୍ଶାଇ ୨୩୭ ଓ ୧୪-୭-୨୦୨୩ରିଖରେ ୨୩୭ ଲେଖାଏଁ ପାଞ୍ଚ ଦିନର ୧୧୮୫ ଡିମାଣ୍ଡ ପ୍ରଥମ ଓ ଦ୍ୱିତୀୟରେ ଅର୍ଥ ପ୍ରଦାନ କରାଯାଇଥିବା ମନରେଗାରେ ଦର୍ଶାଯାଇଛି। ଜଣେ ପୂର୍ବତନ ସମିତିସଭ୍ୟା ଜବ କାର୍ଡ ପାଇଁ ଆବେଦନ କଲେ ଓ ପୋଲସରା ବ୍ଲକ ପ୍ରଶାସନ ତାଙ୍କୁ କିପରି ଜବ କାର୍ଡ ପ୍ରଦାନ କଲେ ତାହା ତଦନ୍ତ ପରିସରକୁ ଅଣାଗଲେ ପ୍ରକୃତ ତଥ୍ୟ ଜଣାପଡିବ।

## ଅସ୍ଥାୟୀ କର୍ମଚାରୀଙ୍କ ଛଟେଇ ନେଇ ପ୍ରତିବାଦ

ଖଲ୍ଲିକୋଟ,୨୭।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ନଂ ୧୬ ଗୁରାପଲ୍ଲୀ ଟୋଲ ଗେଟକୁ ପୂର୍ବରୁ ଟେଣ୍ଡର ନେଇଥିବା ରାଞ୍ଜୋଡ କମ୍ପାନୀ ଅଧୀନରେ ୮୨ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ। ଉକ୍ତ ଟୋଲଗେଟକୁ ଚଳିତ ବର୍ଷ ଓମ୍ ସାଇ ଏଣ୍ଟରପ୍ରାଇଜର ନାମକ କମ୍ପାନୀ ଟେଣ୍ଡର ନେଇଛନ୍ତି। ଏତେ ସଂଖ୍ୟକ କର୍ମଚାରୀ ଆବଶ୍ୟକ ନ ଥିବା ଦର୍ଶାଇ କାର୍ଯ୍ୟରୁ ଛଟେଇ ପାଇଁ ପଦକ୍ଷେପ ନେଇଥିଲେ। ଏଥିରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଟୋଲଗେଟ ସ୍ଥାପନ ଦିନରୁ କାମ କରି ଆସୁଥିବା ସମସ୍ତ କର୍ମଚାରୀ ଟୋଲଗେଟ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ନୂତନ ଭାବେ ଆସିଥିବା ଓମ୍ ସାଇ ଏଣ୍ଟରପ୍ରାଇଜର କମ୍ପାନୀର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ସମସ୍ତ କର୍ମଚାରୀ ପୂର୍ବ ପରି କାମ କରିବେ ବୋଲି ପ୍ରକାଶ କରିଥିଲେ। ଫଳରେ ସମସ୍ତ କର୍ମଚାରୀ ଧାରଣାରୁ ହଟି କାର୍ଯ୍ୟରେ ଯୋଗ ଦେଇଥିଲେ। ବିଶୃଙ୍ଖଳା ଆଶଙ୍କାରେ ଭେଜିପୁଟ ଫାଣ୍ଡି ପୋଲିସ ଗେଟରେ ପହଞ୍ଚି ଅନୁଧ୍ୟାନ କରି ଫେରିଥିଲେ।

# ଦୁର୍ଘଟଣାରେ ମୃତ ଯବାନଙ୍କୁ ଗାର୍ଡ ଅଫ୍ ଅନର


ଗାର୍ଡ ଅଫ ଅନର ପ୍ରଦାନ କରାଯାଉଛି।

ଧରାକୋଟ, ୨୭।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ବଡଗଡ ଥାନା ଅନ୍ତର୍ଗତ ବରଡା ବାଲି ନିକଟରେ ବୁଧବାର ବସ ଧକ୍କାରେ ସୀମା ସୁରକ୍ଷା ବଳ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଆସିକା ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ବିଏସଏଫ ସବ୍‌ଇନସପେକ୍ଟର ରବୀନ୍ଦ୍ର କୁମାର ଓ ତାଙ୍କ ସହ ଥିବା ୧୨ ଜଣିଆ ଟିମକୁ ଶବ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଶବ ଗ୍ରାମରେ ପହଞ୍ଚିବା ପରେ ଗ୍ରାମ ପରିକ୍ରମା କରାଯାଇଥିଲା। କୁସରାବ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ବୀର ଯବାନଙ୍କୁ ଧରାକୋଟ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି, ଥାନା ସବଇନ୍ସପେକ୍ଟର ବାଲ୍ମିକୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦିଲୀପ ଜେନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଏସଏଫ୍ ଯବାନମାନେ ତୋପ ସଲାମୀ ଦେଇ ଜିତେନ୍ଦ୍ରଙ୍କୁ ଗାର୍ଡ ଅଫ ଅନର୍ ଦେଇ ଅନ୍ତିମ ବିଦାୟ ଦେଇଥିଲେ। ଋଷିକୁଲ୍ୟା ନଦୀ ତଟରେ ଯବାନଙ୍କ ଶବ ସତ୍କାର କରାଯାଇଥିଲା।

# ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା

ଭଞ୍ଜନଗର,୨୭।୭ (ବାବୁଲା ପ୍ରଧାନ)


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଦିନକୁ ଦିନ ମାଣ୍ଡିଆ ଖାଦ୍ୟର ଚାହିଦା ବୃଦ୍ଧି ପାଉଛି। ଅନ୍ୟ ଖାଦ୍ୟ ଅପେକ୍ଷା ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଭଲ। ତେଣୁ ମାଣ୍ଡିଆ ଉତ୍ପାଦନ ବୃଦ୍ଧି ଏବଂ ଏହାର ଖାଦ୍ୟରେ ବ୍ୟବହାର କିଭଳି ବୃଦ୍ଧି ପାଇବ ସେଥିପାଇଁ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହିଭଳି ବୁଧବାର ଜଗନ୍ନାଥପ୍ରସାଦ ବ୍ଲକର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ମାଣ୍ଡିଆରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ଉପରେ ଜିରାବାଡ଼ିଠାରେ ଏକ ପ୍ରତିଯୋଗିତା ହୋଇଥିଲା। ଏହାକୁ ଜିରାବାଡ଼ି ସରପଞ୍ଚ ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ସୁତନୁ କୁମାର ଶତପଥୀ ଏଥିରେ ଅଧକ୍ଷତା କରିଥିଲେ। ବୈଜ୍ଞାନିକ ଡ. ସନ୍ତୋଷ କୁମାର ସାମନ୍ତରାୟ, ଅନିତା ପାତ୍ର, ସନ୍ତୋଷ କୁମାର ବେହେରା, ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ପ୍ରକଳ୍ପ ସଂଯୋଜିକା ସୀତା ବରାଳ, ସାଗର କୁମାର ବେହେରା, ଜୟକୃଷ୍ଣ ଗୌଡ, ସନ୍ତୋଷ ଷଡଙ୍ଗୀ, ମହେନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଡ଼କ ସୁରକ୍ଷା ଓ ବନ ମହୋତ୍ସବ

କୋଦଳା,୨୭।୭ (ଅମିତ କୁମାର ପଟ୍ଟନାୟକ)

ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ କୋଦଳା ଜାତୀୟ ସେବା ଯୋଜନା ତରଫରୁ ସଡ଼କ ସୁରକ୍ଷା ସପ୍ତାହ ଏବଂ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଡ. ପ୍ରଦୀପ କୁମାର ପଣ୍ଡା ଏବଂ ସାଗରିକ ଦାଶ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

# ଜି. ଉଦୟଗିରିରେ ପିଏମ୍ କୃଷକ ସମ୍ମିଳନୀ

## ଲୋକାର୍ପଣ ହେଲା ନୂଆ ଯୋଜନା, ଲାଭବାନ ହେବେ କୃଷକ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜି.ଉଦୟଗିରି,୨୭।୭(ଶିଶିର ପଟ୍ଟନାୟକ)

ଗୁରୁବାର ୮ କୋଟି ୫ ଲକ୍ଷ କୃଷକଙ୍କ ଖାତାକୁ ୧୭ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ମାଧ୍ୟମରେ ପ୍ରଧାନମନ୍ତ୍ରୀ ପଠାଇଛନ୍ତି। ଦେଶର କୃଷକମାନଙ୍କ ପାଇଁ ୟୁରିଆ ଗୋଲ୍ଡ ଲୋକାର୍ପଣ କଲେ ଏବଂ ସମସ୍ତ ପ୍ରକାର କୃଷି ସମ୍ବନ୍ଧିତ ସୂଚନା ପାଇଁ ୧ ଲକ୍ଷ ୨୫ ହଜାର କିଷାନ ସମୃଦ୍ଧି କେନ୍ଦ୍ର ଲୋକାର୍ପଣ କଲେ। ଏହା ଜି. ଉଦୟଗିରି କୃଷିବିଜ୍ଞାନ କେନ୍ଦ୍ରଠାରେ ଅନଲାଇନ୍ ମାଧ୍ୟମରେ ଚାଷୀମାନଙ୍କୁ ସୂଚନା ପ୍ରଦାନ କରାଗଲା। ଯାହା ଦ୍ୱାରା କୋଟି କୋଟି ଚାଷୀ ଭାଇ ଉପକୃତ ହେବେ। ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀ ନାରାୟଣ ବାର, ଜିଲା ଉପସଭାପତି ଝୁଲିମା ଦଳବେହେରା, ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜିଲା ସମ୍ପାଦିକା ସୁସ୍ମିତା ଜେନା, ନଗର ସଭାପତି ଉଦେଶନ ପ୍ରଧାନ, ନଗର ସାଧାରଣ ସମ୍ପାଦକ ଭେଙ୍କଟେଶ୍ୱର ବେହେରା, ନଗର ସାଧାରଣ ସମ୍ପାଦକ ପ୍ରଶାନ୍ତ ବର୍ଗତି, କାଉନସିଲର ସଙ୍ଗୀତା ନାୟକ, କାଉନସିଲର ନିଶାରାଣୀ ନାୟକ, ଭାଜପା ନେତା ରଣାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଲଘୁଚାପ ବର୍ଷା, ଚାଷୀକୁଳ ଆଶ୍ୱସ୍ତ

ଧରାକୋଟ,୨୭।୭(ବିଷ୍ଣୁକେଶରୀ ଆଚାରୀ)

ଲଘୁଚାପଜନିତ ବର୍ଷା ଚାଷୀକୁଳକୁ ଆଶ୍ୱସ୍ତି ଆଣି ଦେଇଛି । ଅକ୍ଷୟତୃତୀୟା ପରେ ଚାଷୀମାନେ ନିଜ ଜମିରେ ଧାନ ତଳି ପକାଇଥିଲେ । ଆଷାଢ଼ ମାସରେ ଆଦୌ ବର୍ଷା ହୋଇ ନ ଥିବା ବେଳେ ଶ୍ରାବଣ ମଧ୍ୟ ଆରମ୍ଭରୁ ଚାଷୀ କୁଳକୁ ନିରାଶ କରିଥିଲା। ଏପରିକି ଲଘୁଚାପଜନିତ ବର୍ଷା ସାମାନ୍ୟ ପରିମାଣରେ ହେବାରୁ କେବଳ ତଳି ବଞ୍ଚି ରହିଥିଲା। ସ୍ୱାଭାବିକ ମୌସୁମୀ ମଧ୍ୟ ଚାଷୀକୁ ନିରାଶ କରିଚାଲିଥିବା ଯୋଗୁ ତଳି ପୋଡ଼ି ଆଶଙ୍କା ଦେଖା ଦେଇଥିଲା। ଗତ ୨୪ ତାରିଖରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ବୁଧବାର ଆବଶ୍ୟକତା ଅନୁଯାୟୀ ବର୍ଷା ହେବା ଯୋଗୁ ଚାଷୀ ମୁହଁରେ ହସ ଉଚ୍ଛୁଳି ଉଠିଛି। କିଆରିରେ ପାଣି ଭର୍ତ୍ତି ହେବାପରେ ବେଉଷଣ ଓ ରୁଆ କାର୍ଯ୍ୟ ଆରମ୍ଭ ହୋଇଛି । ଧରାକୋଟ ବ୍ଲକର ୧୮ ପଞ୍ଚାୟତ ମଧ୍ୟରୁ କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରୁଆରୁଇ ଆଗରୁ ଆରମ୍ଭ ହୋଇଥିଲା ବେଳେ ବର୍ଷା ଧାର ଅପେକ୍ଷାରେ ଥିବା ବାହାରପୁର, ବରଡାବିଲି, ଢଉଗାଁ, ରେଡି ଦାମୋଦର ପଲି, ସିଙ୍ଗିପୁର, ଖାଡବନ୍ଧ, ଝରପାରି, ଗୁରୁମ୍ଭ, ଓଳମୱା ପଞ୍ଚାୟତରେ ରୁଆ କାର୍ଯ୍ୟ ଆରମ୍ଭ ହୋଇଛି । ଆଗକୁ ଆସନ୍ତା ୩୦ ତାରିଖ ଦିନ ପୁଣି ଏକ ଲଘୁଚାପ ଆସୁଥିବା ଯୋଗୁ ଏହା ଚାଷୀକୁ ଆନନ୍ଦିତ କରିଛି। କମ୍ ସମୟ ସୀମା ମଧ୍ୟରେ ଅଧିକ ଗୁଣର ଫସଲ ଅମଳ ପାଇଁ ଚାଷୀ ଲକ୍ଷ୍ୟ ରଖିଛି।

# କେନାଲରେ ପାଣି ନାହିଁ, ପଡ଼ିଆ ପଡ଼ିଛି ଚାଷଜମି

ଖଜୁରିପଡ଼ା,୨୭।୭(ବିଦୁର ବେହେରା)


ପଡ଼ିଆ ପଡିଛି ଚାଷ ଜମି।

ଶ୍ରାବଣ ମାସରେ ବର୍ଷା ଝଡି, ବର୍ଷା ଝଡ଼ିରେ ଚାଲିଛି ଜୋରଦାର ଚାଷ କାମ। କିନ୍ତୁ କେନାଲରେ ପାଣି ନାହିଁ। ରକ୍ଷଣାବେକ୍ଷଣ ଅଭାବ ଯୋଗୁ କେନାଲ ଭିତରେ ଅନା ବନା ଗଛ, ସହିତ ଘାସ ଭରି ହୋଇ ରହିଛି। କେନାଲରେ ପାଣି ନ ଆସୁଥିବା ଯୋଗୁ ଚାଷ ଜମି ପଡ଼ିଆ ପଡିଛି। ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ପୁରୁଣା ପାଣି ଜଳ ଭଣ୍ଡାରର କେନାଲରେ। ଏହି କେନାଲ ପୁରୁଣା ପାଣି ଠାରୁ ସୁନ୍ଦରଗଡ ଯାଏ ସଂଯୋଗ ହୋଇଛି। ଏହି ଅଞ୍ଚଳର ଚାଷୀମାନେ ଜଳକର ଦେଉଛନ୍ତି। ମାତ୍ର ଖରା ଦିନ କେନାଲ ମରାମତି କରାଯାଉ ନାହିଁ। ଯାହାର ଦୁର୍ଦ୍ଦଶା ଭୋଗିବାକୁ ପଡେ ଚାଷ ଦିନରେ। ସୁନ୍ଦର୍ ଗଡ ସ୍କୁଲ ନିକଟରେ ଖରା ଦିନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ସରକାର ଚାଷ ଜମି ଗୁଡ଼ିକର ମରାମତି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କରିଛନ୍ତି। ମାତ୍ର ସେହି ବିଲ ଗୁଡ଼ିକୁ କେନାଲ ପାଣି ପହଞ୍ଚି ନ ପାରିଥିବା ଯୋଗୁ ତାହା ଏବେ ପଡ଼ିଆ ପଡିଛି। ଏହି ସମସ୍ୟା ସମ୍ବନ୍ଧରେ ପଚାରି ବୁଝିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ବିକ୍ଷୋଭ

ଫୁଲବାଣୀ, ୨୭।୭(ରାକେଶ କୁମାର ରାଉତ)



ପରିଷଦର କର୍ମକର୍ତ୍ତାମାନେ ରାଲିରେ ଯାଉଛନ୍ତି।

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଗୁରୁବାର ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଦିବାସୀ ବିରୋଧୀ କମନ ସିଭିଲ କୋଡ୍, ଆଦିବାସୀ ସମସ୍ୟା ଓ ମଣିପୁର ପରିସ୍ଥିତି ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଦାୟୀ ବୋଲି ଆଦିବାସୀମାନେ ନାରାବାଜି କରି ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କମନ ସିଭିଲ କୋଡକୁ ବିରୋଧ କରାଯାଇଥିଲା। କମନ ସିଭିଲ କୋଡ଼ ଦ୍ୱାରା ଆଦିବାସୀଙ୍କୁ ମିଳିଥିବା ପୃଥକ ପରିଚୟକୁ ସମାପ୍ତ କରିବାକୁ ସରକାର ଚାହୁଁଛନ୍ତି । ଆଦିବାସୀଙ୍କୁ ହିନ୍ଦୁ କରିବା ପାଇଁ ଏହା ଏକ ଷଡଯନ୍ତ୍ର। ଯାହା ଦ୍ୱାରା ଆଦିବାସୀଙ୍କୁ ମିଳିଥିବା ସାମ୍ବିଧାନିକ ପରିଚୟ ନଷ୍ଟ ହେବ। ବିକାଶ, ପରିବେଶ ଏବଂ ବନ୍ୟଜନ୍ତୁ ସୁରକ୍ଷା ନାମରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଏବଂ ଜମିରୁ ବିସ୍ଥାପନ କରି ସେମାନଙ୍କ ଜୀବିକା ଛଡାଇ ନେବାର ଷଡଯନ୍ତ୍ରକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଆଦିବାସୀଙ୍କ ବିରୋଧରେ ସଂସଦରେ ପାରିତ ହୋଇଥିବା ଆଇନ ଏବଂ ୨୦୨୩ରେ ନୂତନ ଜଙ୍ଗଲ ଆଇନ ପ୍ରଣୟନ ଯୋଗୁ ଆଦିବାସୀଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହେଲାଣି। ମଣିପୁରରେ ଆଦିବାସୀଙ୍କ ଉପରେ ଅନ୍ୟାୟ ଏବଂ ଅତ୍ୟାଚାର କରାଯାଉଛି । ସେମାନଙ୍କ ବସ୍ତିରେ ନିଆଁ ଲଗାଇ ଦିଆଯାଉଛି। ଯାହା ଫଳରେ ଆଦିବାସୀମାନେ ସେମାନଙ୍କ ଭିଟା ମାଟି ଛାଡି ପଳାୟନ କରିବାକୁ ବାଧ୍ୟ ହେଲେଣି। ମଣିପୁର ପରିସ୍ଥିତି ପାଇଁ ସେଠାକାର ସରକାର ଦାୟୀ। ଡ଼ି ଲିଷ୍ଟିଙ୍ଗ ନାମରେ ଧର୍ମ ପରିବର୍ତ୍ତନ ଆଦିବାସୀଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରାଯାଉଛି ବୋଲି ପରିଷଦର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଶେଷରେ ୨୧ ଦଫା ଉପରେ ଏକ ସ୍ମାରକ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଆଦିବାସୀ ନେତା ଲମ୍ବୋଦର କହଁର, ରାଜ୍ୟ ସମ୍ପାଦକ ପ୍ରଦୀପ କହଁର, ପୂର୍ବତନ ସରପଞ୍ଚ ଗୀତାଞ୍ଜଳି କହଁର, ମାଇନରିଟି ସମ୍ପ୍ରଦାୟର ସୁରନ ନାଏକଙ୍କ ନେତୃତ୍ୱରେ ଏହି ରାଲି ହୋଇଥିଲା।

**ଏଲ୍ଏଲ୍‌ବି ପ୍ରବେଶିକା ଆବେଦନ ତାରିଖ ବୃଦ୍ଧିକୁ ସ୍ୱାଗତ**

ବ୍ରହ୍ମପୁର(ସ୍ମୃତି ରଞ୍ଜନ ମହାଲିକ): ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ପ୍ରଥମ ବର୍ଷ ଏଲ୍ଏଲ୍‌ବି ପ୍ରବେଶିକା ଆବେଦନ ତାରିଖ ଜୁଲାଇ ୧୦ ତାରିଖ ରହିଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ ଯୋଗୁଁ ଆଇନ ପାଠ୍ୟକ୍ରମ ଆବେଦନ ପାଇଁ ବହୁ ଛାତ୍ରୀଛାତ୍ର ବଞ୍ଚିତ ହୋଇଥିଲେ। ଗଞ୍ଜାମ ଜିଲା ଶିକ୍ଷା ବଞ୍ଚାଅ ଅଭିଯାନର ସଭାପତି ରବି ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଆବେଦନ ତାରିଖ ବୃଦ୍ଧି ନିମନ୍ତେ ଅନୁରୋଧ କରାଯାଇଥିଲା। ଯାହାକୁ ନେଇ କୁଳପତି ଦାଶ ଉପରୋକ୍ତ ଦାବିକୁ ଗୁରୁତର ଭାବେ ବିଚାର କରି ଜୁଲାଇ ୩୧ ତାରିଖକୁ ବୃଦ୍ଧି କରିଛନ୍ତି। କୁଳପତିଙ୍କ ତ୍ୱରିତ ପଦକ୍ଷେପକୁ ସ୍ୱାଗତ କରିବା ସହ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆଜି କ'ଣ କେଉଁଠି

**ହିଞ୍ଜିଳିକାଟୁ**

- ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦଘାଟନ ଉତ୍ସବ। ସ୍ଥାନ– ଇନଡୋର୍ ଷ୍ଟାଡିୟମ, ସମୟ– ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଏମ୍‌କେସିଜିରୁ ଔଷଧ ଚୋରି ଘଟଣା, କର୍ମଚାରୀଙ୍କ ବଦଳି

ବ୍ରହ୍ମପୁର, ୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)- ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରୁ ଔଷଧ ଚୋରି ଘଟଣାରେ ବିଭାଗୀୟ କର୍ତ୍ତୃପକ୍ଷ ଡ୍ରଗ ହାଉସର୍ ଥିବା କିଛି କର୍ମଚାରୀଙ୍କୁ ବଦଳି କରିଛନ୍ତି। ଯେଉଁମାନେ ଦୀର୍ଘବର୍ଷ ଧରି ଔଷଧ ଯୋଗାଣ ଦାୟିତ୍ୱରେ ରହିଥିଲେ ସେମାନଙ୍କୁ ହଟାଯାଇଛି। ଏହି କାରବାର ପଛରେ କାହାର ହାତ ରହିଛି ତାହା କର୍ତ୍ତୃପକ୍ଷ ସ୍ପଷ୍ଟ କରିପାରିନାହାନ୍ତି। ଗତ ୬ ତାରିଖରେ ଏମ୍‌କେସିଜି ଶିଶୁ ବିଭାଗର ଏକ ଭଙ୍ଗା କୋଠରୀରୁ ୨୫ ପ୍ୟାକେଟ ଇଂଜେକସନ୍ ଆଣ୍ଟିବାୟୋଟିକ ଜବତ କରାଯାଇଥିଲା। ଡ୍ରଗ ହାଉସ୍‌ରୁ ଏହି ଔଷଧ ଗାଏବ ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ମେଡିକାଲ ଅଧୀକ୍ଷକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ସୁଦ୍ଧା ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରିନାହିଁ। ସେପଟେ ଏମ୍‌କେସିଜି କର୍ତ୍ତୃପକ୍ଷ ଘଟଣାର ବିଭାଗୀୟ ତଦନ୍ତ କରିବା ପାଇଁ ୪ଜଣିଆ କମିଟି ଗଠନ କରିଥିଲେ। ତଦନ୍ତ ସରିବା ପରେ ଏହି କମିଟି ତାଙ୍କର ରିପୋର୍ଟ ଦାଖଲ କରିଥିଲା। ସେହି ରିପୋର୍ଟକୁ ଭିତ୍ତି କରି ମେଡିକାଲ କର୍ତ୍ତୃପକ୍ଷ ଔଷଧ ଯୋଗାଣ ଦାୟିତ୍ୱରେ ଥିବା କିଛି କର୍ମଚାରୀଙ୍କ ଅଦଳବଦଳ କରିଛନ୍ତି।

### ଶିକ୍ଷକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର,୨୭।୭(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ଶିକ୍ଷକ ଅଧିକ ଯୌତୁକ ଦାବି କରି ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ଗଜପତି ଜିଲା ମୋହନା ଥାନା ଚାନ୍ଦିପୁଟ ଗ୍ରାମର ମୂଳ ନିବାସୀ ରୋଶନୀ ପରିଛା (୨୪)ବର୍ତ୍ତମାନ ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦ ବିହାରରେ ରହୁଛନ୍ତି। ରୋଶନୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଜିତେନ୍ଦ୍ର ମାଲି ନାମକ ଜଣେ ଶିକ୍ଷକଙ୍କ ସହ ତାଙ୍କର ୨୦୨୨ ଡିସେମ୍ବର ୨୭ରେ ବିବାହ ହୋଇଥିଲା। ଦେବେନ୍ଦ୍ର ଏକ ଆଦର୍ଶ ସ୍କୁଲରେ ଶିକ୍ଷକ ଭାବେ କାମ କରୁଛନ୍ତି। ବିବାହ ସମୟରେ ଯୌତୁକ ବାବଦକୁ ୨୫୨ଗ୍ରାମ ସୁନା ଗହଣା ୪୦୦ ଗ୍ରାମ ରୁପା ଅଳଙ୍କାର, କାର ନଗଦ ୩ଲକ୍ଷ ଟଙ୍କା ସହ ଆବଶ୍ୟକ ଯାନି ଯୌତୁକ ଶାଶୂ ଘରକୁ ନେଇଥିଲେ। ହେଲେ ଏବେ ତାଙ୍କ ସ୍ୱାମୀ ଶାଶୁ ଓ ନଣନ୍ଦ ପୁଣିଥରେ ୫ ଲକ୍ଷ ଟଙ୍କା ଅଧିକ ଯୌତୁକ ମାଗୁଛନ୍ତି। ମୋ ବାପା ଚାକିରି କରିଥିଲେ। ତେଣୁ ବାପାଙ୍କ ଠାରୁ ୫ ଲକ୍ଷ ଟଙ୍କା ଆଣିବା ପାଇଁ ନିର୍ଯାତନା ଦେଉଛନ୍ତି। ଏବେ ମୁଁ ଜାଣିବାକୁ ପାଇଲି ଜିତେନ୍ଦ୍ର ମୋତେ ବାହା ହେବା ପୂର୍ବରୁ ଅନ୍ୟତ୍ର ଜଣେ ମହିଳାଙ୍କୁ ବିବାହ କରିଥିଲେ। ଏନେଇ ମୁ ପଚାରିବାରୁ ସେ ମୋତେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ୨୩୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାରେ ହାଜର ହେବା ନେଇ ଅଭିଯୁକ୍ତ ଶିକ୍ଷକ ଜିତେନ୍ଦ୍ର ମାଲିଙ୍କୁ ନୋଟିସ କରାଯାଇଛି ବୋଲି ଥାନାଧିକାରୀ ଭାବାନନ୍ଦ ପ୍ରଧାନ କହିଛନ୍ତି।

# ଗଞ୍ଜାମରେ ଜାଲ୍ ପ୍ରମାଣପତ୍ର ଦେଇଛନ୍ତି ୯୫ ଶିକ୍ଷକ

## ଏତଲା ପରେ ସ୍ଥିତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଛତ୍ରପୁର,୨୭।୭ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାରେ ଜାଲ ପ୍ରମାଣପତ୍ର ଦେଇ ଶିକ୍ଷକ ନିଯୁକ୍ତି ପାଇଥିବାଙ୍କ ସମ୍ପର୍କରେ ମାମଲା ଥମୁନଥିବା ଜଣାପଡିଛି । ବାରମ୍ବାର ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଓ ଚିଠି ଆସୁଥିଲେ ହେଁ ଜାଲ ପ୍ରମାଣପତ୍ର ଦାଖଲ କରିଥିବା ଶିକ୍ଷକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆଖିଦୃଶିଆ ହେଉନି। ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀମାନେ କେବଳ ଏତଲା ଦେଇ ଚୁପ୍ ବସୁଛନ୍ତି । କେତେକ ବ୍ଲକ ରେ ଜାଲ ପ୍ରମାଣ ପତ୍ର ଦେଇ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ନାଁରେ ଏତଲା ମଧ୍ୟ ହୋଇନଥିବା ଜଣାପଡିଛି । ଏତଲା ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ କେତେକ ବ୍ଲକ ଶିକ୍ଷା ଅଧିକାରୀ ନେଇନାହାନ୍ତି । ଜିଲାରେ ୯୫ ଶିକ୍ଷୟତ୍ରୀ ଶିକ୍ଷକ ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତି ହାତେଇଥିବା ନେଇ ରାଜ୍ୟ ପ୍ରାଥମିକ ଶିକ୍ଷା ବିଭାଗର ଚିଠିରୁ ଜଣାପଡିଛି । ଉକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନାଁରେ ସ୍ଥାନୀୟ ଥାନା ମାନଙ୍କରେ ଦିଆଯାଇଥିବା ଏତଲା ଉପରେ ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ଜଣାଇବାକୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କ ନିକଟକୁ ନିର୍ଦ୍ଦେଶକଙ୍କ ଠାରୁ ୨୦ ତାରିଖରେ ଏକ ଚିଠି (ନଂ–୧୬୨୫୭) ଆସିଛି । ତୁରନ୍ତ ଏହି ରିପୋର୍ଟ ଦାଖଲ ନକଲେ ସମ୍ପୃକ୍ତ ବ୍ଲକର ବ୍ଲକ ଶିକ୍ଷାଧିକାରୀଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ଚିଠିରେ ସତର୍କ କରାଇ ଦିଆଯାଇଛି । ଏଥିସହ ରିପୋର୍ଟ ପଠାଇବାକୁ ସମ୍ପୃକ୍ତ ବ୍ଲକ ଶିକ୍ଷାଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଜାଲ ପ୍ରମାଣପତ୍ର ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାଖଲ ହୋଇଥିଲା । ଏହି ମାମଲାର ଶୁଣାଣି କରି ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତ ଶିକ୍ଷକଙ୍କ ହୋଇଥିବା ଏତଲା ପରେ କ'ଣ ସ୍ଥିତି ରହିଛି ସେ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ନିର୍ଦ୍ଦେଶକଙ୍କ ଚିଠିରେ ସେ ଦର୍ଶାଇଛନ୍ତି। ଉକ୍ତ ଚିଠିରୁ ଆହୁରି ଜଣାଯାଇଛି ଯେ ଉକ୍ତ ୯୫ ଶିକ୍ଷକଙ୍କ ନାଁର ଏକ ତାଲିକା ମଧ୍ୟ ନିର୍ଦ୍ଦେଶକ ଚିଠି ସହ ପଠାଇଛନ୍ତି। ଏତଲା ଯଦି ହୋଇଛି ତାପରେ ତଦନ୍ତ ସରିଛି କି ନାହିଁ, ଚାର୍ଜସିଟ୍ ଦାଖଲ ହୋଇଛି କି ନାହିଁ, ପୋଲିସ ଗିରଫ କରିଥିଲେ କେହି ଜାମିନରେ ଅଛନ୍ତି କିମ୍ବା ଜେଲ ଯାଇଛନ୍ତି, ସେ ସମ୍ପର୍କରେ ବିସ୍ତୃତ ଭାବେ ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ତାଲିକାରୁ ଜଣାଯାଇଛି ଯେ, ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ମଧ୍ୟରେ ଗଞ୍ଜାମ ବ୍ଲକର ଜଣେ ଶିକ୍ଷକ ରହିଥିବା ବେଳେ କବିସୂର୍ଯ୍ୟନଗର ବ୍ଲକର ୧୭ ଜଣ, ଖଲିକୋଟ ବ୍ଲକର ୧୫ ଜଣ, କୁକୁଡାଖଣ୍ଡି ବ୍ଲକର ୩ ଜଣ, ପୁରୁଷୋତ୍ତମପୁର ବ୍ଲକର ୫ ଜଣ, ଶେରଗଡ ବ୍ଲକ ର ୨ ଜଣ, ଆସିକା ବ୍ଲକ ର ୯ ଜଣ, ବେଗୁନିଆପଡା ବ୍ଲକର ୧୨ ଜଣ, ଧରାକୋଟ ବ୍ଲକର ୧୩ ଜଣ, ହିଞ୍ଜିଳି ବ୍ଲକର ଜଣେ, ପୋଲସରା ବ୍ଲକର ୩ ଜଣ, ରଙ୍ଗେଇଲୁଣ୍ଡା ବ୍ଲକର ଜଣେ, ଛତ୍ରପୁର ବ୍ଲକର ୮ ଜଣ ଏବଂ ସୋରଡା ବ୍ଲକର ଜଣେ ଶିକ୍ଷକ ରହିଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ମନ୍ଦାକିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ନବାଗତଙ୍କୁ ସ୍ୱାଗତ




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୨୭।୭ (ସ୍ମୃତିରଞ୍ଜନ ମହାଲିକ)

ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁବାର ନବାଗତ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ହୋମଯଜ୍ଞ ମାଧ୍ୟମରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଅନୁଷ୍ଠିତ ହେବା ସହ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ଆର୍ଶୀବାଦ ପୂର୍ବକ ଉତ୍ସବ ଆୟୋଜନ ହୋଇଥିଲା। ପରିଚାଳନା ସମିତିର ଉପସଭାପତି ରବିନ୍ଦ୍ରନାଥ ଜେନା ଓ ସହ ସମ୍ପାଦକ ନୀଳକଣ୍ଠ ସାହୁ ଯୋଗଦେଇ ଯୁକ୍ତ ୨ ଶିକ୍ଷା କ୍ଷେତ୍ରରେ ଏହି ମହାବିଦ୍ୟାଳୟ ଏକ ଅନନ୍ୟ ସ୍ଥାନ ଅଧିକାର କରିଥିବାରୁ ଆମ ରାଜ୍ୟ ତଥା ଗଞ୍ଜାମ ଜିଲା ପାଇଁ ଏକ ଗୌରବର କଥା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ସଦସ୍ୟା ପ୍ରଣତି ସାମଲ, ଉପଦେଷ୍ଟା ଇଂ. ମମତା ପାଣିଗ୍ରାହୀ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଓ ମହାବିଦ୍ୟାଳୟର ଅଧକ୍ଷ ଏସ୍. ମୋହନ ରାଓ ଓ ଯୁକ୍ତ ୩ ବିଭାଗର ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ଉପସଭାପତି ରବିନ୍ଦ୍ରନାଥ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ବିଭାଗର ଅଧକ୍ଷ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ୨ ବିଭାଗର ଇଂରାଜୀ ଅଧ୍ୟାପକ ମନ୍ଦାକିନୀ ମିଶ୍ର ଓ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୁକ୍ତ ୨ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ଅନନ୍ୟା ମିଶ୍ର, ଶୁଦିପ୍ତୀ ନାୟକ ଓ ସାଲୋନୀ ମହାନ୍ତି କନିଷ୍ଠ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଅଧ୍ୟାପକ ସ୍ୱରାଜ୍ୟ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ତଥା ପଡୋଶୀ ଆନ୍ଧ୍ରର ୫୭୬ ଜଣ ବିଜ୍ଞାନ ଓ ୧୯୨ ଜଣ ବାଣିଜ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ କରିଥିଲେ।

# ଗଞ୍ଜାମରେ ୩ ଡେଙ୍ଗୁ ପଜିଟିଭ୍ ଚିହ୍ନଟ

ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଚଳିତ ବର୍ଷ ଗଞ୍ଜାମ ଜିଲାରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଦୁଇଦିନରେ ୩ଜଣ ରୋଗୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜଣେ ବ୍ରହ୍ମପୁରରୁ ଚିହ୍ନଟ ହୋଇଥିବା ବେଳେ ଜଣେ ଚିକିଟି ଓ ଅନ୍ୟଜଣେ ଶେରଗଡ଼ ଅଞ୍ଚଳର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ଚିହ୍ନଟ ହୋଇଥିବା ୩ଜଣ ରୋଗୀଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି। ସମସ୍ତେ ବାହାର ଅଞ୍ଚଳରୁ ଆସିଛନ୍ତି। ବ୍ରହ୍ମପୁରର ଗୋଶାଣିନୂଆଗାଁ ଅଞ୍ଚଳର ରୋଗୀ ଜଣଙ୍କ ଭୁବନେଶ୍ୱରରୁ ଆସିଥିବା ବେଳେ ଚିକିଟିର ରୋଗୀ ଆନ୍ଧ୍ର ପ୍ରଦେଶ ଓ ଶେରଗଡ଼ର ରୋଗୀ ବେଙ୍ଗାଲୁରୁରୁ ଆସିଥିବା ସୂଚନା ଦିଆଯାଇଛି। ଗଞ୍ଜାମ ଜିଲାରେ ଗତବର୍ଷ ୧୬୧ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ। ୨୦୨୧ରେ ଗଞ୍ଜାମ ଜିଲାରୁ ମୋଟ ୩୩୩ ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ। କିନ୍ତୁ ୨୦୨୦ରେ ମାତ୍ର ୯ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେହିପରି ୨୦୧୯ରେ ୩୦୭ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୧୮ରେ ୧୫୫ ପଜିଟିଭ୍ ଚିହ୍ନଟ ହୋଇଥିଲେ। ମଶାମରା ଅଭିଯାନକୁ ବ୍ୟାପକ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ସାପ କାମୁଡ଼ାରେ ଚାଷୀ ମୃତ

ଖଲ୍ଲିକୋଟ,୨୭।୭ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଡିମିରିଆ ପଞ୍ଚାୟତର ଏନ୍ ବରପଲ୍ଲୀ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଚାଷୀ ସନିଆ ପ୍ରଧାନ ବୁଧବାର ଅପରାହ୍ନରେ ବିଲକୁ କାମ କରିବା ପାଇଁ ଯାଇଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ସ୍ଥାନୀୟ ଲୋକେ ସନିଆଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ସନ୍ଧ୍ୟାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳୁ ଖବର ପାଇ ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ଥାନା ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି।

# ଗାଡ଼ି ଭଡ଼ାରେ ନେଇ ଠକେଇ

## ବିଶାଖାପାଟଣାରେ ଡ୍ରାଇଭରଙ୍କୁ ଛାଡ଼ି ୨ ଯୁବକ ଫେରାର

ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଇନୋଭା ଗାଡିକୁ ବ୍ରହ୍ମପୁରରୁ ଏକ ମାସ ପାଇଁ ବିଶାଖାପାଟଣା ଭଡ଼ାରେ ନେଲେ। ଭଡ଼ା ବାବଦ ଦିନକୁ ୧୭୦୦ ଟଙ୍କା ନିର୍ଦ୍ଧାରିତ ହୋଇଥିଲା। ହେଲେ ବିଶାଖାପାଟଣାରେ ଏକ ମାସ ବୁଲିବା ପରେ ଏକ ଲଜ୍‌ରେ ଡ୍ରାଇଭରକୁ ଛାଡି ଦୁଇ ଯୁବକ ଫେରାର ହୋଇଗଲେ। ସେହି ଲଜର ୧୨ ଦିନର ଭଡ଼ା ମଧ୍ୟ ନ ଦେଇ ଯୁବକ ଦ୍ୱୟ ଫେରାର ହୋଇଗଲେ। ଫଳରେ ଲଜ ମାଲିକ ଡ୍ରାଇଭରଙ୍କଠାରୁ ଭଡ଼ା ଅର୍ଥ ଆଦାୟ କରିବା ପାଇଁ ଗାଡି ଚାବି ରଖିଲେ। ବହୁ କଷ୍ଟରେ ଅର୍ଥ ଯୋଗାଡ କରି ଚାଳକ ବିଶାଖାପାଟଣାରୁ ଫେରିଲେ। ଏପରିକି ବିଶାଖାପାଟଣାରୁ ବ୍ରହ୍ମପୁର ଫେରିବା ପାଇଁ ଯେଉଁ ତେଲ ଆବଶ୍ୟକ ରହିଛି ତାହା ମଧ୍ୟ ଗାଡିରେ ପକାଇବା ପାଇଁ ତାଙ୍କ ପାଖରେ ଅର୍ଥ ନଥିଲା। ତେଣୁ ନିଜ ଉଦ୍ୟମରେ ଅର୍ଥ ଯୋଗାଡ କରି ସେ ବ୍ରହ୍ମପୁର ଫେରିଲେ। ଏହାପରେ ଯେଉଁ ଯୁବକଦ୍ୱୟ ଯାଇଥିଲେ ସେମାନଙ୍କୁ ଭଡ଼ା ଟଙ୍କା ମାଗିବାରୁ ସେମାନେ ଓଲଟା ଆକ୍ରମଣ କରିବାର ଧମକ ଦେଉଛନ୍ତି। ଏ ନେଇ ଯୁବକ ଜଣକ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଠକେଇର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ଆମ୍ବପୁଆ ଗାୟତ୍ରୀ ନଗର ଦ୍ୱିତୀୟ ଲେନରେ ରହୁଥିବା ପ୍ରତାପ କୁମାର ବେହେରା। ତାଙ୍କୁ ଠକିଛନ୍ତି ଭାବିନିପୁର ଗ୍ରାମର ନିରାକାର ମହାରଣା ଓ ତାଙ୍କ ସାଙ୍ଗ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨୩୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ଅଭିଯୁକ୍ତ।

ଜନୈକା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଲକ୍ଷ୍ମୀନୃସିଂହସାହି ୮ମ ଲାଇନର ସୀମାଞ୍ଚଳ ନାହାକ(୨୩)। ପୋଲିସ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି। ସେହିପରି ଧାରା୧୬୪ ଅନୁସାରେ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଗୁରୁବାର ପୋଲିସ ସୀମାଞ୍ଚଳଙ୍କୁ କୋର୍ଟ ଚାଲାଣ କରିଛି। ପରେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଜଣେ ନାବାଳିକାଙ୍କୁ ସୀମାଞ୍ଚଳ ପ୍ରେମ କରିବା ସହ ବିବାହ କରିବା ପାଇଁ କଥା ଦେଇଥିଲେ। ପରେ ନାବାଳିକାଙ୍କୁ ସୀମାଞ୍ଚଳ ବାରମ୍ବାର ବଳାତ୍କାର କରିଥିଲେ। ଶେଷରେ ସୀମାଞ୍ଚଳ ଜନୈକା ନାବାଳିକାଙ୍କୁ ବିବାହ କରିବାକୁ ମନା କରିବା ସହ ୨୦ ହଜାର ଟଙ୍କା ନାବାଳିକାଙ୍କୁ ଦାବି କରିଥିଲେ। ଏପରିକି ନାବାଳିକା ଜଣଙ୍କ ଅନ୍ୟତ୍ର ବାହା କରିଲେ ତାଙ୍କୁ ଜୀବନରେ ମାରିଦେବାକୁ ସୀମାଞ୍ଚଳ ଧମକଚମକ ଦେଇଥିଲେ। ପୀଡ଼ିତା ଜଣଙ୍କ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୨୫୭/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ସୀମାଞ୍ଚଳ ନାହାକଙ୍କୁ ଗିରଫ କରିଥିଲା ବୋଲି କହିଛି।

# ଆକ୍ରମଣ ମାମଲା, ୩ ଭାଇ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକ ଗୁରୁବାର ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ଥିବା ୩ ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ବିଜୟ ନାଇକ(୨୮), ଅଜୟ ନାଇକ(୨୬) ଓ ବିସିକେଶନ ନାଇକ (୨୩)। ଅଭିଯୁକ୍ତ ୩ ଭାଇ ପ୍ରଥମ ଥର ପାଇଁ ଏଭଳି ଦୋଷ କରିଥିବାରୁ ମାଜିଷ୍ଟ୍ରେଟ ତାଙ୍କୁ ତାଗିଦ କରି ଛାଡିଥିଲେ।

ପ୍ରକାଶ ଯେ, ୨୦୨୦ ଜାନୁଆରୀ ୨୨ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଉପରୋକ୍ତ ୩ ଭାଇ ମିଶି ରାସ୍ତାରେ ଅସଦାଚରଣ କରିଥିଲେ। ଏପରିକି ତାଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ମହିଳାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରିଥିଲା। ଉପରୋକ୍ତ ୩ ଭାଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ଛାଡ ପାଇଥିଲେ। ଉକ୍ତ ମାମଲାର ବିଚାର ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁବାର ଉକ୍ତ ମାମଲାର ରାୟ ପ୍ରକାଶ ବେଳେ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟ ସେମାନଙ୍କୁ ତାଗିଦ କରି ଆଗକୁ ଏପରି ଅପରାଧମୂଳକ କାମ ନ କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ତରଫରୁ କ୍ୟାଡର ଏପିପି ମୋନାଲି ରାଇସା ମକଦ୍ଦମା ପରିଚାଳନା କରୁଥିଲେ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ଆସିକା,୨୭।୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ ଅଧକ୍ଷ ଗଣେଶ୍ୱର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଡିଓ ଫକୀର ଚରଣ ପରିଡା, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଶିକ୍ଷକ ରାମନାଥ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଛାତ୍ରୀମାନେ ଏଥିପ୍ରତି ସଚେତନ ହେବା ଲାଗି ପରାମର୍ଶ ଦିଆଯାଇଥିଲା । ଭୋଟର ଆପ୍ ମାଧ୍ୟମରେ ନାମ ପଞ୍ଜିକରଣ, ନାମ ବାଦ ଦେବା ଏବଂ ବ୍ୟକ୍ତିଗତ ତଥ୍ୟ ସଂଶୋଧନ ଲାଗି ରହିଥିବା ବ୍ୟବସ୍ଥା ଓ ଏହାର ବ୍ୟବହାର ସମ୍ପର୍କରେ ସୂଚନା ଦିଆଯାଇଥିଲା। ୨୦୨୪ ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷ ହେଉଥିବା ଭୋଟରଙ୍କୁ ଚିହ୍ନଟ କରି ଏହି ଆପ ମାଧ୍ୟମରେ ଆଗୁଆ ପଞ୍ଜିକରଣ ପୂର୍ବକ ନିର୍ଦ୍ଦିଷ୍ଟ ସମୟରେ ମତଦାନ ଲାଗି ଯୋଗ୍ୟ ବିବେଚିତ ହୋଇ ମତଦାନର ସୁଯୋଗ ନେବା ନିମନ୍ତେ ପରାମର୍ଶ ଦିଆଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀ।

# ବେଲଗୁଣ୍ଠା ବ୍ଲକର ୩ ଜୋନ୍‌ରେ ବିଜେଡିର ବୈଠକ

ବେଲଗୁଣ୍ଠା,୨୭।୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍‌ର ୩ଟି ଜୋନ୍‌ରେ ବିଜେଡ଼ିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ ବୋର୍ସିଂ ସରପଞ୍ଚ ତଥା ବ୍ଲକ୍ ବିଜେଡ଼ି ସଭାପତି ରାମେଶ୍ୱର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବେଲଗୁଣ୍ଠା ବ୍ଲକ୍ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଏବଂ ସମ୍ମାନୀତ ଅତିଥି ରୂପେ ଉପାଧକ୍ଷା ପ୍ରମିଳା ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ଆଲୋଚନା କରିଥିଲେ।

୪୮ ନମ୍ବର୍ ଜୋନ୍‌ର ମା' ବୁଢାକେନ୍ଦୁ ପୀଠରେ ଆୟୋଜିତ ବୈଠକରେ ଆସିକା ଏମପି ପ୍ରତିନିଧି ସନ୍ତୋଷ କୁମାର ସ୍ୱାଇଁ, ବ୍ଲକ୍ ବିଜେଡ଼ି ସଭାପତି ରାମେଶ୍ୱର ପାତ୍ର, ସରପଞ୍ଚ ଜୟରାମ ନାୟକ, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ତଥା ସମିତିସଭ୍ୟ କୁଞ୍ଜବିହାରୀ ନାୟକ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ଜେନା, ରାଜେନ୍ଦ୍ର ଗୌଡ଼, ସୀମାଞ୍ଚଳ ବିଷୋୟୀ, ପୂର୍ବତନ ସମିତିସଭ୍ୟ ପ୍ରଭାତ କୁମାର ସ୍ୱାଇଁ, ତୁଷାର ବିଷୋୟୀ, ଜିଲାପରିଷଦ ପ୍ରାର୍ଥୀ ପଞ୍ଚାନନ ନାୟକଙ୍କ ସମେତ ଗାଙ୍ଗପୁର, ପାଇଲିପଡ଼ା, ଖଇରପୁଟି, କ୍ଷତ୍ରିୟବରପୁର, ଶାସନ ଏବଂ ବଙ୍କା ପଞ୍ଚାୟତର ୪ ଶହରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ ଯୋଗଦେଇଥିଲେ।

ପରେ ୪୭ ନମ୍ବର୍ ଜୋନ୍ ନେଟଙ୍ଗା ପଞ୍ଚାୟତର ଗୋବିନ୍ଦପୁରଠାରେ ଅନୁଷ୍ଠିତ ବୈଠକରେ ଜିଲାପରିଷଦ ସଭ୍ୟା ପୂର୍ଣ୍ଣବାସୀ ନାୟକ, ସମିତିସଭ୍ୟ ବିଭୂପାଦ ଜେନା, ସମିତିସଭ୍ୟା ମମତା ଭୋଳ, ମମତା ମହାନ୍ତି, ସରପଞ୍ଚ ଦୁର୍ଗାମାଧବ ନାୟକ, ସୁପ୍ରଭା ଗୌଡ଼, ୪୭ ନମ୍ବର୍ ଜୋନ୍ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଶରତ ସ୍ୱାଇଁ, ପୂର୍ବତନ ସମିତି ଅଧକ୍ଷ ପ୍ରତିନିଧି କୁଞ୍ଜବିହାରୀ ମହାନ୍ତି, ପୂର୍ବତନ ଜିଲପେରିଷଦ ସଭ୍ୟ ନିକୁଞ୍ଜ ଖଣ୍ଡୁଆଳ ଯୋଗଦେଇଥିଲେ। ଅପରାହ୍ଣରେ ୪୯ ନମ୍ବର୍ ଜୋନ୍‌ର ମଙ୍ଗଳପୁର ଶିବ ମନ୍ଦିର ଠାରେ ଆୟୋଜିତ ବୈଠକ ହୋଇଥିଲା। ମହାସିଂପଲ୍ଲୀ–ମଙ୍ଗଳପୁର ୪ କି.ମି ରାସ୍ତାର ଉନ୍ନତିକରଣ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ବିଧାୟକ ସ୍ୱାଇଁ ଏହାର ଶୁଭ ଦେଇଥିଲେ। ଠିକାଦାର ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ସୂର୍ଯ୍ୟକାନ୍ତ ପଣ୍ଡା ଉପସ୍ଥିତ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ସୁଶାନ୍ତ ମହାପାତ୍ର ଏବଂ ପି.ସ୍ୱାଇଁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୪୯ ନମ୍ବର୍ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ଅଯୋଧ୍ୟା ବେହେରା, ସରପଞ୍ଚ ପ୍ରତିନିଧି ପଞ୍ଚାନନ ସାମଲ୍, ଜ୍ୟୋତି ନାୟକ, ସେବା ସମବାୟ ସମିତି ସଭାପତି ରାଜକିଶୋର ବିଷୋୟୀ, ଯୁବ ବିଜେଡ଼ି ନେତା ଉମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାର ଶୁଭଦେଲେ ବିଧାୟକ



ରାସ୍ତାର ଶୁଭ ଦେଉଛନ୍ତି ବିଧାୟକ

